# "କେସ୍ କଥା ଶୁଣିଲା ପରେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି" !

ମୁଁ ସଞ୍ଜୟ ସୁତାର (ଛଦ୍ମନାମ) । ଘର ଏୟାର୍ ଫିଲଡ୍ ଥାନା ଅନ୍ତର୍ଗତ ଭୁବନେଶ୍ୱରରେ । ପିଲାବେଳୁ ବାପା ବହୁ କଷ୍ଟରେ ଆମକୁ ପାଠ ପଢ଼ାଉଥିଲେ । ଆମର ଏକ ସାଧାରଣ ତେଜେରାତି ଦୋକାନ । ସେଥିରୁ ଯାହାମିଳେ ସେଥିରେ ପରିବାର ପ୍ରତିପୋଷଣ ହୁଏ । ବାପାଙ୍କର ସ୍ୱଳ୍ପ ରୋଜଗାର ହେତୁ ମୋର ଭଲ ପାଠ ହେଉଥିଲେ ମଧ୍ୟ ମୁଁ +୨ ପାସ୍ କରିସାରିଲା ପରେ ପାଠ ପଢ଼ିପାରିଲି ନାହିଁ । ବାପାଙ୍କର ବ୍ୟବସାୟକୁ ସାଙ୍ଗ ହୋଇ ଚଲାଉଥିଲୁ । ହଠାତ୍ ମା'ଙ୍କର ମୃତ୍ୟୁ ହୋଇଗଲା । ଏହାପରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଲା । ମୋର ମଧ୍ୟ ବିବାହ ବୟସ ହୋଇଯିବାରୁ ଗାଁ ପାଖର ଜଣେ ମଧ୍ୟସ୍ଥିଙ୍କ ଯୋଗାଯୋଗରେ ତା-୧୨-୦୫-୨୦୧୨ରିଖ ଦିନ ବୈଦିକ ରିତିରେ ଆମର ବିବାହ ହେଲା । ବିବାହର ଛଅ ମାସ ପର୍ଯ୍ୟନ୍ତ ପରିବାର ଏକଦମ୍ ଶାନ୍ତିଶୃଙ୍ଖଳାରେ ଚାଲୁଥିଲା । ମାତ୍ର ହଠାତ୍ ପରିବାରରେ କଳାବାଦଲ ଢାଙ୍କିଲାପରି ପରିସ୍ଥିତି ସୃଷ୍ଟି ହେଲା । ଯେତେ ସୁଧାରିବାପାଇଁ ଚେଷ୍ଟା କଲେ ମଧ୍ୟ ତାହା ଆଉ ସୁଧାରି ହେଲା ନାହିଁ । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ମତେ ମୋ ଶ୍ୱଶୁରଘର ଲୋକ ସ୍ତ୍ରୀର ଅନେକ ରୋଗ ଥିଲା ବୋଲି କହିନଥିଲେ । ମୋର ସ୍ତ୍ରୀଙ୍କର ହୃଦ୍‌ଘାତ୍ ଜନିତ ରୋଗ ଥିଲା । ଏପରିକି ସେ ଅନେକ କଥା ନକହିଲା ଭଳି ରୋଗରେ ପିଡ଼ୀତ ଥିଲେ । ମତେ ଲୁଚାଇ ଲୁଚାଇ ଔଷଧ ଖାଉଥିଲେ । ମୋର ଶାଶୁ ମଧ୍ୟ ମତେ ରୋଗ ବିଷୟରେ ଜଣାଇବା ପାଇଁ ସ୍ତ୍ରୀଙ୍କୁ ବାରଣ କରିଥିଲେ । ଏକଥା ଜାଣିସାରିବା ପରେ ଆଉ କିଛି ଉପାୟ ନଥିଲା । ମୁଁ ମୋ ସ୍ତ୍ରୀଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇବାପାଇଁ ଚେଷ୍ଟା କରିବାରୁ, ଶ୍ୱଶୁର ଘର ଲୋକ ସମ୍ପୂର୍ଣ୍ଣ ବାରଣ କରିଥିଲେ । ଏପରିକି ଏହି ସମୟରେ ସ୍ତ୍ରୀ ମୋର ଗର୍ଭବତୀ ଥିଲେ । ତାଙ୍କୁ ନେଇ ଶ୍ୱଶୁରଘର ଲୋକ ଘରେ ରଖିଥିଲେ । ଦୀର୍ଘ ଦିନର ରୋଗ ଥିବାର କଥା ଶୁଣିଲା ପରେ, ମୋ ଶାଶୁ ମତେ କହିଲେ, ତାଙ୍କୁ ଡାକ୍ତର ପରାମର୍ଶ କରିଥିଲେ ଯେ, ଝିଅର ବିବାହ କରାଇଦେଲେ ରୋଗ ବଳେ ବଳେ ଭଲ ହୋଇଯିବ ବୋଲି । ମୋର ସ୍ତ୍ରୀ ଘରର କୌଣସି କାର୍ଯ୍ୟ କରିବା ପାଇଁ ଅସମର୍ଥ ଅଟନ୍ତି । ଏପରିକି ପାଣି ମଧ୍ୟ ଟେକି ନେଇ ପାରନ୍ତି ନାହିଁ । ଘଟଣା ବିଷୟରେ ଆମ ପରିବାର ଲୋକ ଜାଣିଯିବାରୁ ମୋ ସ୍ତ୍ରୀଙ୍କୁ ମୁଁ ଯେତେ ଡାକିଲେ ମଧ୍ୟ ସେ ଲଜ୍ୟାବୋଧରେ ଆମ ଘରକୁ ଆଉ ଆସୁନାହାଁନ୍ତି । ଇତି ମଧ୍ୟରେ ଭଦ୍ରଲୋକମାନଙ୍କ ଉପସ୍ଥିତିରେ ବାରମ୍ବାର ସଭା ହୋଇଥିଲେ ମଧ୍ୟ ଆମ ଘରକୁ ସେ ଆସିବେ ନାହିଁ ବୋଲି ସିଧା ମନା କରୁଛନ୍ତି । ଏପରିକି ସାଢ଼େ ତିନି ଲକ୍ଷ ଟଙ୍କାରୁ ଆରମ୍ଭ କରି ଏବେ ଦଶ ଲକ୍ଷ ଟଙ୍କା ନଦେଲେ ମହିଳା ଥାନାରେ କେସ୍ ଦେବେ ବୋଲି ଧମକ ଦେଉଛନ୍ତି । "କେସ୍ କଥା ଶୁଣିଲା ପରେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି" । ଦଶ ଲକ୍ଷ ଟଙ୍କା ମୋ ପାଇଁ ଏକ ବୋଝ ହୋଇ ଯାଇଛି । କୌଣସି ଭୁଲ ନକରି ମଧ୍ୟ ମୁଁ ଏବେ ଦଣ୍ଡ ପାଉଛି । କ'ଣ ପାଇଁ ଆପଣମାନେ ମୋତେ କହିପାରିବେ କି.............. ???

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।